# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 02 June – 2026

**************************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ବିଜେପି ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗଦେବେ ରାଷ୍ଟ୍ରପତି–ପ୍ରଧାନମନ୍ତ୍ରୀ
- ୨୦୩୬ ମସିହା ସୁଦ୍ଧା ରାଜ୍ୟକୁ କୁପୋଷଣମୁକ୍ତ କରିବା ଦିଗରେ ପଦକ୍ଷେପ ଗ୍ରହଣ କରୁଛନ୍ତି ସରକାର
- ବିପର୍ଯ୍ୟୟ ପରିଚାଳନାକୁ ନେଇ ଆସନ୍ତାକାଲିଠାରୁ ପୁରୀରେ ଆରମ୍ଭ ହେବ ବ୍ରିକ୍ସ ରାଷ୍ଟ୍ର ସମୂହ ବୈଠକ

ଏବଂ

- ନୂଆଦିଲ୍ଲୀରେ ଆସନ୍ତାକାଲି ପ୍ରଦାନ କରାଯିବ ଜାତୀୟ ପଞ୍ଚାୟତ ପୁରସ୍କାର; ଓଡ଼ିଶା ୫ଟି ବର୍ଗରେ ମନୋନୀତ

BBSR/R

## ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଗସ୍ତ

ରାଜ୍ୟରେ ବିଜେପି ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ୨୦ ତାରିଖ ଶନିବାର ଦିନ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ଏହି ଅବସରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ ହେବାର କାର୍ଯ୍ୟକ୍ରମ ରହିଛି। ଭୁବନେଶ୍ୱର ଲୋକସେବା ଭବନଠାରେ କାର୍ଯ୍ୟକ୍ରମର ସଫଳ ରୂପାୟନ ନେଇ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଭାସ୍ଥଳୀରେ ସୁରକ୍ଷା ବ୍ୟବସ୍ଥା, ପର୍ଯ୍ୟାପ୍ତ ପାର୍କିଂ ପାଇଁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

Desk

## ସୂର୍ଯ୍ୟଘର ଉତ୍କର୍ଷ ପୁରସ୍କାର

ସୌରଶକ୍ତିର ଉପଯୋଗ ଓ ସ୍ଥାୟୀ ବିକାଶ ଦିଗରେ ଓଡ଼ିଶା ସମଗ୍ର ଦେଶରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଉତ୍କର୍ଷ ପୁରସ୍କାର ପାଇଁ ମନୋନୀତ ହୋଇଛି। ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ସର୍ବାଧିକ ଗ୍ରାହକଙ୍କ ଆବେଦନ, ସୌର ସ୍ଥାପନ ଏବଂ ଡିସକମ୍ ଯାଞ୍ଚ କ୍ଷେତ୍ରରେ ମଧ୍ୟମ ଧରଣର ଗ୍ରାହକଙ୍କ ସଂଖ୍ୟା ଥିବା ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରିଛି। ଏତଦ୍‌ବ୍ୟତୀତ ଅଧିକ ବ୍ୟବସାୟୀ ପଞ୍ଜୀକରଣ ବର୍ଗରେ ରାଜ୍ୟ ତୃତୀୟ

ସ୍ଥାନ ହାସଲ କରିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି, ଏହି ସଫଳତା ସରକାରଙ୍କ ସୁଦୂରପ୍ରସାରୀ ଚିନ୍ତାଧାରା, ବିଭାଗୀୟ ସମନ୍ୱୟ ଓ କ୍ଷେତ୍ରସ୍ତରରେ କାର୍ଯ୍ୟରତ ସମସ୍ତ ଅଧିକାରୀଙ୍କ ସାମୂହିକ ପ୍ରୟାସର ଫଳାଫଳ । ଓଡ଼ିଶାକୁ ନବୀନ ଶକ୍ତି କ୍ଷେତ୍ରରେ ପରିବେଶ ଅନୁକୂଳ ବିକାଶ ପାଇଁ ସରକାର ସଂକଳ୍ପବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

Desk

## ଉପମୁଖ୍ୟମନ୍ତ୍ରୀ– ଶିଶୁ ଖାଦ୍ୟ

ରାଜ୍ୟକୁ ୨୦୩୬ ମସିହା ସୁଦ୍ଧା କୁପୋଷଣ ମୁକ୍ତ କରିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ଭୁବନେଶ୍ୱରଠାରେ ଆଜି ଉପମୁଖ୍ୟମନ୍ତ୍ରୀ ରାଜ୍ୟର ଅତିଶୟ କମ୍ ଓଜନର ଶିଶୁଙ୍କୁ ଦିଆଯାଉଥିବା ଖାଦ୍ୟ ଏବଂ ପ୍ରାକ୍ ବିଦ୍ୟାଳୟର ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ସକାଳ ଜଳଖିଆର ମୂଲ୍ୟ ବୃଦ୍ଧି ନେଇ ବାର୍ଷିକ ୧୩୭ କୋଟି ୫୭ ଲକ୍ଷ ଟଙ୍କାର ଅତିରିକ୍ତ ବ୍ୟୟ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଶ୍ରୀମତୀ ପରିଡ଼ା କହିଛନ୍ତି, ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାରେ ଜଳଖିଆ ଖର୍ଚ୍ଚକୁ ୧୮ଟଙ୍କାକୁ ବୃଦ୍ଧି କରାଯାଇଛି । ରାଜ୍ୟରେ ୩୫ ହଜାର ଶିଶୁ ଅତିଶୟ କମ୍ ଓଜନ ବର୍ଗରେ ରହିଛନ୍ତି । ଶିଶୁମାନଙ୍କ ସାମଗ୍ରୀକ ବିକାଶ ପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି ।

**- V/O -**

ଏହି ଅବସରରେ ଜୀବନର ପ୍ରଥମ ହଜାରେ ଦିନର ଡିଜିଟାଲ ପୁସ୍ତକର ଉପମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଛନ୍ତି।

Puri

## ବ୍ରିକ୍ସ ସମ୍ମିଳନୀ

ବିପର୍ଯ୍ୟୟ ପରିଚାଳନାକୁ ନେଇ ପୁରୀରେ ବ୍ରିକ୍ସ ରାଷ୍ଟ୍ର ସମୂହର ଦ୍ୱିତୀୟ ବୈଷୟିକ ବୈଠକ ଆସନ୍ତାକାଲିଠାରୁ ଆରମ୍ଭ ହେବ। ବୈଠକରେ ବ୍ରିକ୍ସ ଦେଶଗୁଡ଼ିକର ପ୍ରତିନିଧି ଏବଂ ବିଶେଷଜ୍ଞମାନେ ଯୋଗଦେଇ ବିପର୍ଯ୍ୟୟ ପରିଚାଳନା, ପ୍ରତିରୋଧ କ୍ଷମତା ବୃଦ୍ଧି ଏବଂ ଅନ୍ତର୍ଜାତୀୟ ସହଯୋଗ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବେ। ବ୍ରାଜିଲ, ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାନ୍, ରୁଷିଆ, ସାଉଦିଆରବିଆ, ଦକ୍ଷିଣ ଆଫ୍ରିକା, ୟୁଏଇ ଏବଂ ଚୀନ୍ ଆଦି ଦେଶର ପ୍ରତିନିଧିଗଣ ସମ୍ମିଳନୀରେ ଯୋଗଦେବେ। ବାତ୍ୟା ପରିଚାଳନା, ଗୋଷ୍ଠୀ ଭିତ୍ତିକ ପୂର୍ବ ସଚେତନତା ବ୍ୟବସ୍ଥା, ସଫଳ ଉଦ୍ଧାର ଓ ସ୍ଥାନାନ୍ତରଣ କୌଶଳ କ୍ଷେତ୍ରରେ ଓଡ଼ିଶାର ସକ୍ରିୟ ସଫଳ ଏବଂ ସୁଦୃଢ଼ ପଦକ୍ଷେପ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯିବ। ଓଡ଼ିଶାରେ ବ୍ରିକ୍ସ ରାଷ୍ଟ୍ର ସମୂହକୁ ନେଇ ଏପରି ଏକ ବୈଷୟିକ ସମ୍ମିଳନୀର ଆୟୋଜନ ରାଜ୍ୟର ବିପର୍ଯ୍ୟୟ ପରିଚାଳନାରେ କ୍ଷେତ୍ରରେ ସଫଳତାକୁ ବିଶ୍ୱସ୍ତରରେ ଆହୁରି ସମୃଦ୍ଧ କରିବ ବୋଲି ଆଶା କରାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନୀ ସମାବେଶରେ ଯୋଗଦେବେ ବୋଲି କାର୍ଯ୍ୟସୂଚୀ ରହିଛି। ସମ୍ମିଳନୀ ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ଚାଲିବ। ଓଡ଼ିଶାରେ ପ୍ରଥମଥର ପାଇଁ ବ୍ରିକ୍ସ ରାଷ୍ଟ୍ର ସମୂହର ସମ୍ମିଳନୀ ଆୟୋଜନ ହେଉଥିବାରୁ

ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଯୋଗ ଦେଉଥିବା ପ୍ରତିନିଧି ଦଳଙ୍କର କୋଣାର୍କ ଗସ୍ତ ଥିବାରୁ ସୁରକ୍ଷା ବ୍ୟବସ୍ଥା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଚି । ସମ୍ମିଳନୀ ହେବାକୁ ଥିବା ଅଞ୍ଚଳକୁ ସମ୍ପୂର୍ଣ୍ଣ ସିସିଟିଭି ନଜରରେ ରଖାଯାଇଛି ।

## ପଂଚାୟତ ପୁରସ୍କାର

ପଂଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତାକାଲି ଜାତୀୟ ପଂଚାୟତ ପୁରସ୍କାର ପ୍ରଦାନ କରାଯିବ । କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ନୂଆଦିଲ୍ଲୀରେ ଏହି ପୁରସ୍କାର ପ୍ରଦାନ କରିବେ । ଏଥିଲାଗି ଓଡ଼ିଶାକୁ ୫ଟି ବର୍ଗରେ ମନୋନୀତ କରାଯାଇଛି ।

ଦୀନଦୟାଲ ଉପାଧ୍ୟାୟ ପଂଚାୟତ ଶତତ ବିକାଶ ପୁରସ୍କାର ବର୍ଗରେ ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ୍ ଅଧୀନ ପୋଟଲାମପୁର ଗ୍ରାମ ପଂଚାୟତ ସୁସ୍ଥ ଗ୍ରାମପଂଚାୟତ ଭାବେ ଦେଶରେ ଯୁଗ୍ମ ତୃତୀୟ ସ୍ଥାନ ଅଧୀକାର କରିଛି । ଏହି ପଂଚାତୟକୁ ୨୫ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ । ପର୍ଯ୍ୟାପ୍ତ ଜଳ ଉପଲବ୍ଧ ଗ୍ରାମପଂଚାୟତ ବର୍ଗରେ କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକର ପଡୁଆ ଗ୍ରାମପଂଚାୟତ ସର୍ବ ଭାରତୀୟ ସ୍ତରରେ ତୃତୀୟ ସ୍ଥାନ ଅଧିକାର କରିଛି । ୫୦ ଲକ୍ଷ ଟଙ୍କାର ଅର୍ଥରାଶି ଏହି ପଂଚାୟତକୁ ମିଳିବ ।

ସ୍ୱଚ୍ଛ ଓ ସବୁଜ ଗ୍ରାମପଂଚାୟତ ବର୍ଗରେ ସୁନ୍ଦରଗଡ଼ ଜିଲ୍ଲା ଲାଠିକଟା ବ୍ଲକ୍‌ର ହାତୀବନ୍ଧା ଗ୍ରାମପଂଚାୟତ ଦେଶରେ ଯୁଗ୍ମଭାବେ ଦ୍ୱିତୀୟ ସ୍ଥାନ

ଅଧିକାର କରିଛି। ଏହି ପଂଚାୟତକୁ ୩୭ ଲକ୍ଷ ୫୦ ହଜାର ଟଙ୍କା ପୁରସ୍କାର ଦିଆଯିବ।

ସେହିପରି ସାମାଜିକ ଭାବେ ସୁରକ୍ଷିତ ଓ ସାମାଜିକ ନ୍ୟାୟସଙ୍ଗତ ଗ୍ରାମପଂଚାୟତ ବର୍ଗରେ ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକର ମନ୍ଦାର ଗ୍ରାମପଂଚାୟତ ଦେଶରେ ଯୁଗ୍ମ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏହି ପଂଚାୟତକୁ ୩୭ ଲକ୍ଷ ୫୦ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ। ନାନାଜୀ ଦେଶମୁଖ ସର୍ବୋତ୍ତମ ପଂଚାୟତ ଶତତ ବିକାଶ ପୁରସ୍କାର ବର୍ଗରେ ଗଞ୍ଜାମ ଜିଲ୍ଲା ପରିଷଦ ଦେଶରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏହି ଜିଲ୍ଲା ପରିଷଦକୁ ୩ କୋଟି ଟଙ୍କାର ପୁରସ୍କାର ମିଳିବ।

CTC

## ପ୍ରଶିକ୍ଷଣ ଶିବିର

ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ଅଧିବକ୍ତା ମଧ୍ୟସ୍ଥିମାନଙ୍କୁ ମଧ୍ୟସ୍ଥତା କ୍ଷେତ୍ରରେ ଅଧିକ କ୍ରିୟାଶୀଳ କରିବା ପାଇଁ ଓଡ଼ିଶା ନ୍ୟାୟିକ ଏକାଡେମୀ କଟକଠାରେ ୫ ଦିନିଆ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଛି। ସର୍ବୋଚ୍ଚ ନ୍ୟାୟାଳୟର ମଧ୍ୟସ୍ଥତା ଓ ସମାଧାନ ପ୍ରକଳ୍ପ କମିଟି ଏବଂ ଓଡ଼ିଶା ଉଚ୍ଚନ୍ୟାୟାଳୟ ପକ୍ଷରୁ ଏହି ଶିବିରର ଆୟୋଜନ କରାଯାଇଛି। ସୁପ୍ରିମକୋର୍ଟ ମଧ୍ୟସ୍ଥତା ଓ ସମାଧାନ ପ୍ରକଳ୍ପ କମିଟିର ବରିଷ୍ଠ ପ୍ରଶିକ୍ଷକ ମୀନା କୋଠରୀ ଓ ପ୍ରମିଳା ଆଚାର୍ଯ୍ୟ ଶିବିରରେ ଯୋଗଦେଇ ମଧ୍ୟସ୍ଥତା ମାଧ୍ୟମରେ ବିବାଦଗୁଡ଼ିକର ସହଜ ଓ ତ୍ୱରିତ ନ୍ୟାୟ ପ୍ରଦାନ ସମ୍ପର୍କରେ ପ୍ରଶିକ୍ଷାର୍ଥୀମାନଙ୍କୁ ବୁଝାଇଥିଲେ। ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଏହି ଶିବିର ଚାଲିବ।

Puri

# ରଥଯାତ୍ରା ପ୍ରସ୍ତୁତି

ଶ୍ରୀକ୍ଷେତ୍ରରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହିତ ସମାପନ କରିବା ପାଇଁ ସମସ୍ତ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ପୁରୀ ସର୍କିଟ ହାଉସଠାରେ ଅଗ୍ନିଶମ ବିଭାଗର ମହାନିର୍ଦ୍ଦେଶକ ସୁଧାଂଶୁ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ରଥଯାତ୍ରା ସମୟରେ ପ୍ରବଳ ଖରା ଓ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ଭକ୍ତଙ୍କ ଉପରେ ଜଳସିଞ୍ଚନ ବ୍ୟବସ୍ଥା କରାଯିବା ସହ ପ୍ରବଳ ବର୍ଷା ହେଲେ ଉଚ୍ଚଶକ୍ତି ସମ୍ପନ୍ନ ମୋଟର ପମ୍ପ ଦ୍ୱାରା ଜଳ ନିଷ୍କାସନ ପାଇଁ ବୈଠକରେ ଗୁରୁତ୍ୱ ଦିଆଯାଇଛି । ସମୁଦ୍ର କୂଳରେ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ପ୍ରଶିକ୍ଷଣ ପ୍ରାପ୍ତ ଲାଇଫ୍ ଗାର୍ଡ ମୁତୟନ କରାଯିବା ସହ ଅଗ୍ନିଶମ ବିଭାଗ ରଥଯାତ୍ରା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ବୋଲି ଶ୍ରୀ ଷଡ଼ଙ୍ଗୀ କହିଛନ୍ତି ।

Puri

# ରଥ ନିର୍ମାଣ

ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ଜୋର୍‌ସୋର୍‌ରେ ଆଗେଇ ଚାଲିଛି । ତିନିରଥର ସମସ୍ତ ଚକ ଓ ଅଖ ସଂଯୋଗ ପରେ ଆଜି ଅଖ ଉପରେ ପାଞ୍ଚ ଦଣ୍ଡା ପଡ଼ିଛି । ତିନିରଥର ମୁଖ୍ୟ ବିଶ୍ୱକର୍ମା ମହାରଣା, ନଡ଼ିଆ ମହାର୍ଦ୍ଦ୍ୟ ରଖି ଅନୁକୂଳ କରିବା ପରେ ଭୋଇ ସେବକମାନେ ରଥ ଉପରକୁ ଦଣ୍ଡା ଉଠାଇଥିଲେ । ଗରଗରା ଓ ଗୟଳକଣ୍ଠା ପଡ଼ିବା ପରେ ଚାରି ନାହାକା ଉଠିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ।

Ganjam

## ସଖୀ ନିବାସ

ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ପରିଚାଳିତ ସଖୀ ନିବାସ ଗଞ୍ଜାମ ଜିଲ୍ଲା କୁକୁଡ଼ାଖଣ୍ଡି ବ୍ଲକର ଅଙ୍କୁଶପୁରଠାରେ ଉପଲବ୍ଧ ହେଉଛି। ନିଜ ପରିବାରଠାରୁ ଦୂରରେ ରହୁଥିବା ଅବିବାହିତ  କିମ୍ବା ବିବାହିତ କର୍ମଜୀବୀ ମହିଳାମାନେ ଏହି ସଖୀ ନିବାସର ସୁବିଧା ନେଇପାରିବେ। ତେବେ ଅନଗ୍ରସର ଶ୍ରେଣୀ ଓ ଶାରୀରିକ ଭିନ୍ନକ୍ଷମ ମହିଳାମାନଙ୍କୁ ପ୍ରାଥମିକତା ପ୍ରଦାନ କରାଯିବ। ୧୦୦ ଶଯ୍ୟା ବିଶିଷ୍ଟ ଏହି ନିବାସର ସୁବିଧା ନେବା ପାଇଁ ଜିଲ୍ଲା ମଙ୍ଗଳ ବିଭାଗ ପକ୍ଷରୁ କୁହାଯାଇଛି।

BBSR/R

## ସାକୁରା ସାଇନ୍ସ ହାଇସ୍କୁଲ

ରାଜ୍ୟର ଚାରି ଜଣ ଛାତ୍ରଛାତ୍ରୀ ଜାପାନରେ ଅନୁଷ୍ଠିତ ସାକୁରା ସାଇନ୍ସ ହାଇସ୍କୁଲ ଦେଶର ପ୍ରତିନିଧିତ୍ୱ କରିଛନ୍ତି। ଭୁବନେଶ୍ୱରର ବିଷ୍ଣୁପ୍ରସାଦ ଜେନା, କୋରାପୁଟର ଶୁଭମ ନାୟକ, ତୋଲକୋଇର ଶ୍ରଦ୍ଧାଞ୍ଜଳି ପଟ୍ଟନାୟକ ଏବଂ ରେଙ୍ଗାଲିର ଆଦ୍ୟାଶା ପଣ୍ଡା ଏଥିରେ ଭାଗ ନେଇଥିଲେ। ଛାତ୍ରଛାତ୍ରୀ ଜାପାନର ଶୀର୍ଷ ସ୍ତରର ବିଶ୍ୱବିଦ୍ୟାଳୟ, ପ୍ରମୁଖ ଗବେଷଣା ପ୍ରତିଷ୍ଠାନ ଗୁଡ଼ିକ ଗସ୍ତ କରିବା ସହ ନୋବେଲ ବିଜେତା ଏବଂ ବିଶିଷ୍ଟ ଶିକ୍ଷାବିତ୍‌ଙ୍କର ବକ୍ତବ୍ୟ ଶୁଣିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଯାଇଛି।

Rayagada

## ନିଯୁକ୍ତିପତ୍ର ପ୍ରଦାନ

ରାୟଗଡ଼ା ଜିଲ୍ଲା ମଙ୍ଗଳ ବିଭାଗ ଅଧୀନରେ ପରିଚାଳିତ ବିଦ୍ୟାଳୟଗୁଡ଼ିକରେ ସ୍ନାତକ ଶିକ୍ଷକ ଓ ଶାରୀରିକ ଶିକ୍ଷା ପ୍ରଶିକ୍ଷକମାନଙ୍କୁ ଜିଲ୍ଲାପାଳ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ କାର୍ଯ୍ୟକ୍ରମରେ ଯୋଗଦେଇ ନବନିଯୁକ୍ତ ଶିକ୍ଷକମାନଙ୍କୁ ନିଷ୍ଠା ଓ ଦାୟିତ୍ୱବୋଧ ସହ କାର୍ଯ୍ୟ କରିବା ପାଇଁ କହିଛନ୍ତି।

Desk

# ତାପମାତ୍ରା

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ଗୁରୁବାର ସୁଦ୍ଧା କେରଳମ୍ ଛୁଇଁବା ନେଇ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ମୌସୁମୀ ଅଗ୍ରସର ନେଇ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି। ଦକ୍ଷିଣ–ପଶ୍ଚିମ, ଦକ୍ଷିଣ-ପୂର୍ବ ଆରବସାଗର,  ଲାକ୍ଷାଦ୍ୱୀପ, କେରଳମ୍ ଓ ତାମିଲନାଡୁର କିଛି ଅଂଶ ମୌସୁମୀ ଛୁଇଁବା ନେଇ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ଉତ୍ତର-ପୂର୍ବ ଓ ସଂଲଗ୍ନ ଓ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଥିବା ଘୂର୍ଣ୍ଣିବଳୟ ସମୁଦ୍ର ପତ୍ତନଠାରୁ ୪ ଦଶମିକ ୫ କିଲୋମିଟର ପର୍ଯ୍ୟନ୍ତ ବ୍ୟାପି ରହିଛି।

ରାଜ୍ୟରେ କାଳବୈଶାଖୀ ଜନିତ ବର୍ଷା ପ୍ରଭାବରେ ତାପମାତ୍ରା ହ୍ରାସ ପାଇଥିଲେ ମଧ୍ୟ ଗୁଳୁଗୁଳି ଜାରି ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଭିନ୍ନ ଜିଲ୍ଲାକୁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

******